# ନୂତନ ଜିଲ୍ଲାପାଳଙ୍କର କାର୍ଯ୍ୟରେ ଯୋଗଦାନ ।

## Joining of new Collector.

### ଆସନ୍ତା ନିର୍ବାଚନ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନ ଯୋଜନାର କାର୍ଯ୍ୟକାରିତାକୁ ପ୍ରାଥମିକତା ଦିଆଯିବ-ଜିଲ୍ଲାପାଳ ।

୧୯୮୮ ବ୍ୟାଚର ଓଡିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଶ୍ରୀ ମନୋଜ କୁମାର ମହାନ୍ତି ଆଜି ପୂର୍ବତନ ଜିଲ୍ଲାପାଳ ଶ୍ରୀ ଅନିଲ କୁମାର ସାମଲଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆସନ୍ତା ସାଧାରଣ ନିର୍ବାଚନ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଅଗ୍ରାଧିକାର ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ଗଣମାଧ୍ୟମର ପ୍ରତିନିଧିମାନଂକ ସହ ଆଲୋଚନା ବେଳେ ସେ ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଲେ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ଜିଲ୍ଲପାଳଙ୍କ ସହ ଆଲୋଚନାରୁ ଯାହା ଜାଣିଲି ଯେ ଜିଲ୍ଲାରେ କିଛି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି ଯାହାକୁ ମୁଁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବି ବୋଲି ସେ ପ୍ରକାଶ କରିଥିଲେ । ନିଜ ଜିଲ୍ଲା ବାଲେଶ୍ୱର ହୋଇଥିବା ବେଳେ ସେ ଏହା ପୂର୍ବରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ସଚିବ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ,ବ୍ରହ୍ମପୁର ପୌରନିଗମର କମିଶନର,ଓଡିଶା ଅନୁସୂଚିତ ଜନଜାତି ଓ

ଅନୁସୂଚିତ ଜାତି ସମବାୟ ନିଗମର ସାଧାରଣ ପରିଚାଳକ ଓ ନିଳଗିରି ଉପଜିଲ୍ଲାପାଳ ଭାବେ ସଫଳତାର ସହ ନିଜର ଦାୟିତ୍ୱ ନିର୍ବାହ କରିଛନ୍ତି । ପୂର୍ବତନ ଜିଲ୍ଲାପାଳ ଜିଲ୍ଲାରେ ତାଂକ ସମୟରେ ଅନେକ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି । ପଦୋନ୍ନତି ପାଇ ସେ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଭାବେ ଏହି ଜିଲ୍ଲାରୁ ଯାଉଥିବାରୁ ଏହା ତାଂକ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ । ନୂତନ ଜିଲ୍ଲାପାଳ ଆଜି ସର୍କିଟ ହାଉସ ଠାରେ ପହଂଚିବା ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି, ତାଳଚେର ଉପଜିଲ୍ଲାପାଳ ଶ୍ରୀ ପରେଶ ଚନ୍ଦ୍ର ନାୟକ, ଡେପୁଟୀ କଲେକ୍ଟର ( ନିର୍ବାଚନ) ଶ୍ରୀ ବୈତୁରା ଦିପ୍ ଓ ଅନୁଗୋଳ ତହସିଲଦାର ଶ୍ରୀ ବିଚିତ୍ରା ନନ୍ଦ ନାୟକଙ୍କ ତରଫରୁ ତାଂକୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ଜିଲ୍ଲା କାର୍ଯ୍ୟାଳୟଠାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ତାଂକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ନୂତନ ଜିଲ୍ଲାପାଳ ପୂର୍ବତନ ଜିଲ୍ଲାପାଳଂକ ଠାରୁ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇ ଶ୍ରୀଜୀଉ ଓ ମା'ବୁଢୀ ଠାକୁରାଣୀଂକର ପୂଜାର୍ଚ୍ଚନ କରିଥିଲେ । ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ନୂତନ ଓ ପୂର୍ବତନ ଜିଲ୍ଲପାଳଂକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।







